# ଟିକିଟିରେ ବଦଳୁଛି ରାଜନୈତିକ ଚିତ୍ର

## ବିଜେଡି ହାତରୁ ପାତ୍ରପୁର ବ୍ଲକ ଛଡ଼ାଇ ନେଇଛି ଭାଜପା

ବ୍ରହ୍ମପୁର ଅଫିସ,୧।୪

ଆନ୍ଧ୍ର ସୀମାନ୍ତ ଗଞ୍ଜାମ ଜିଲା ଟିକିଟି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ପାତ୍ରପୁର ବ୍ଲକକୁ ଦୁଇ ଦଶନ୍ଧି ପରେ ବିଜେଡି ହାତରୁ ଛଡ଼ାଇ ନେଇଛି ଭାଜପା। ୨୩ ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ସଂଖ୍ୟାଧିକ ତେଲୁଗୁ ଓ ଜନଜାତି ଭୋଟର ଅଛନ୍ତି। ସଦ୍ୟ ସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୪ନଂ ଜିଲା ପରିଷଦ ଜୋନ ମଧ୍ୟ ଭାଜପା ଦଖଲକୁ ଯାଇଛି। ସମୁଦାୟ ୨୩ ସମିତିସଭ୍ୟା ସଭ୍ୟଙ୍କ ମଧ୍ୟରୁ ୧୩ ଜଣ ଭାଜପା ସମର୍ଥିତ ଥିଲେ। କଂଗ୍ରେସ ସମର୍ଥିତ ଆଉ ଜଣଙ୍କୁ ମିଶାଇ ୧୪ ହେବାରୁ ଭାଜପା ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ପଦ ହାତେଇଛି । ଏହା ଫଳରେ ଟିକିଟିରେ ରାଜନୈତିକ ଚିତ୍ର ବଦଳିବା ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ତଳୁ ଟିକିଟି ସ୍ୱର୍ଣ୍ଣକାତର ନିର୍ବାଚନ ମଣ୍ଡଳୀ ରୂପେ ଚିହ୍ନଟ ହୋଇଛି। ବିଭିନ୍ନ ନିର୍ବାଚନରେ କଂଗ୍ରେସର ଚିନ୍ତାମଣି ଦ୍ୟାନ ସାମନ୍ତରା ଏବଂ ପୂର୍ବ ଜନତା ଦଳ ଓ ଟିକିଟି ରାଣୀ ତଥା ବର୍ତ୍ତମାନର ବିଜେଡି ବିଧାୟିକା ଉଷା ଦେବୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ୧୯୮୦ରୁ ୨୦୦୯ ମଧ୍ୟରେ ଚିନ୍ତାମଣି ୭ ଥର ନିର୍ବାଚନ ଲଢ଼ି ୩ ଥର ଜିତି ବିଧାନସଭା ଉପବାଚସ୍ପତି ଓ ସାମ୍ବିଧାନିକ ପଦ ବାଚସ୍ପତି ହୋଇଥିଲେ। ସେହିପରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଉଷା ଦେବୀ ୧୯୮୫ରୁ ୨୦୧୯ ମଧ୍ୟରେ ହୋଇଥିବା ୮ ନିର୍ବାଚନ ଲଢ଼ି ୬ ଥର ବିଧାୟିକା ହେବା ସହ ଦୁଇଥର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ପାରିବାରିକ ରାଜନୀତିରେ ୨୦୧୪ ନିର୍ବାଚନରେ ଚିନ୍ତାମଣି ପ୍ରତିଦ୍ୱନ୍ଦ୍ୱିତା ନ କରି ପୁତ୍ର ମନୋରଞ୍ଜନଙ୍କୁ ଛାଡ଼ି ଦେଇଥିଲେ। ସେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ଉଷା ଦେବୀଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ମନୋରଞ୍ଜନ ଭାଜପାରେ ଯୋଗଦେଲେ।

୨୦୧୯ ନିର୍ବାଚନରେ ମନୋରଞ୍ଜନ ଭାଜପାରୁ ଟିକିଟି ଆସନରେ ଲଢ଼ି ବିଜେଡିର ଉଷା ଦେବୀଙ୍କୁ କଡ଼ା ମୁକାବିଲା କରିବା ସତ୍ତ୍ୱେ ପରାଜିତ ହୋଇଥିଲେ। କଂଗ୍ରେସର ପକେଟ ଭୋଟ ଭାଜପା ପୋଛି ନେବାରୁ ହାତ ଚିହ୍ନର ପ୍ରାର୍ଥୀ ଅମାନତ ରଖିବାକୁ ସମର୍ଥ ହୋଇ ନ ଥିଲେ। ପିତାଙ୍କ ପରେ ପୁତ୍ର ଏବେ ଉଷା ଦେବୀଙ୍କୁ ଟକ୍କର ଦେଉଛନ୍ତି ଏବଂ ଭାଜପା ସଂଗଠନ ବଢ଼ାଇବାରେ ଲାଗିଛନ୍ତି। ଯାହା ପାତ୍ରପୁର ବ୍ଲକର ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଏହା ଶାସକ ଦଳକୁ ଶକ୍ତ ଧକ୍କା ହୋଇଛି। ଟିକିଟି ବ୍ଲକର ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ବିଜେଡି ଓ ଭାଜପା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଲଢ଼େଇ ହୋଇଥିଲା। ଭୋଟ ପରବର୍ତ୍ତି ନିର୍ବଚନୀ ହିଂସାରେ ଟିକିଟି ବ୍ଲକରେ ହୋଇଥିଲା।

ତଥ୍ୟାନୁସାରେ ୧୯୬୧ ନିର୍ବାଚନ ପର୍ଯ୍ୟନ୍ତ ଟିକିଟି ଓ ପାତ୍ରପୁର ବ୍ଲକ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଥିଲା। ୧୯୬୭ ନିର୍ବାଚନରୁ ଟିକିଟି କ୍ଷେତ୍ର ହୋଇଛି। ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ହେବା ପରେ ପ୍ରଥମେ କଂଗ୍ରେସ ପ୍ରାର୍ଥୀ ଦିବାକର ପଟ୍ଟନାୟକ ବିଧାୟକ ହୋଇଥିଲେ। ୧୯୭୧ ରୁ ୧୯୭୪ ନିର୍ବାଚନରେ ଟିକିଟି ରାଜା ସଚ୍ଚିଦାନନ୍ଦ ନାରାୟଣ ଦେବ ଯଥାକ୍ରମେ ଜନ କଂଗ୍ରେସ ଓ କଂଗ୍ରେସରୁ ଜିତିଥିଲେ। ୧୯୭୭ ନିର୍ବାଚନରେ ଜନତା ପାର୍ଟିରୁ ଜଗନ୍ନାଥ ପତି ଓ ୧୯୮୦ରେ ସ୍ୱାଧୀନ ଭାବେ ଲଢ଼ି ଚିନ୍ତାମଣି ବିଧାୟକ ହୋଇଥିଲେ। ୧୯୮୫ ନିର୍ବାଚନରେ କଂଗ୍ରେସରୁ ଦ୍ୟାନ ସାମନ୍ତରା ଦ୍ୱିତୀୟଥର ନିର୍ବାଚିତ ହେଲେ। ୧୯୯୦ ନିର୍ବାଚନରେ ଜନତା ଦଳରୁ ପ୍ରଥମେ ବିଧାୟିକା ହୋଇଥିଲେ ଉଷା ଦେବୀ। ୧୯୯୫ ନିର୍ବାଚନରେ ସ୍ୱାଧୀନରୁ ଚିନ୍ତାମଣି ଜିତିଥିଲେ। ପରବର୍ତ୍ତି ୨୦୦୦ରୁ ୨୦୧୯ ଲଗାତର ଭାବେ ଉଷା ଦେବୀ ବିଜେଡିରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଦୀର୍ଘ ବର୍ଷ ଧରି ବିଜେଡିର ଗଡ଼ଥିବା ଟିକିଟି ନିର୍ବାଚନ ମଣ୍ଡଳୀର ଗୋଟିଏ ବ୍ଲକ ପାତ୍ରପୁରରେ ଭାଜପା କାୟା ମେଲାଉଛି। ଏହା ଶାସକ ଦଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି।

## ମାମୁଁଡିହରେ ଦୁଇପକ୍ଷ ହାତାହାତି
### ଉଭୟ ପକ୍ଷରୁ ୪ ଗିରଫ

ଆସିକା,୧।୪(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ ମାମୁଁଡିହ ଗ୍ରାମରେ ଗୁରୁବାର ରାତିରେ ଦୁଇପକ୍ଷ ମଧ୍ୟରେ ହାତାହାତି ହୋଇଥିଲା । ଏ ନେଇ ଶୁକ୍ରବାର ଉଭୟ ପକ୍ଷ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ପରସ୍ପର ବିରୋଧରେ ଦୁଇଟି ମାମଲା ରୁଜୁ କରିଛି । ଗୋଟିଏ ପକ୍ଷର ସଞ୍ଜୟ କୁମାର ନାୟକଙ୍କ ଅଭିଯୋଗକ୍ରମେ ନଂ.୧୫୫/୨୨ରେ ଏକ ମାମଲା ରୁଜୁ କରାଯାଇ ସେହି ଗ୍ରାମର ଚନ୍ଦ୍ରଶେଖର ମହାରଣାଙ୍କୁ ଗିରଫ କରାଯାଇଛି । ସେହିଭଳି ଚନ୍ଦ୍ରଶେଖର ମହାରଣାଙ୍କ ଅଭିଯୋଗକୁ ଭିତ୍ତି କରି ନଂ.୧୫୬/୨୨ରେ ଅନ୍ୟଏକ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ପୋଲିସ ଗ୍ରାମର ସଞ୍ଜୟ କୁମାର ନାୟକ, ଅଜୟ ନାୟକ ଓ ରମେଶ ନାୟକଙ୍କୁ ଗିରଫ କରିଛି । ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗୋପାଳପୁର ଏନ୍ଏସି ପକ୍ଷରୁ ପ୍ରକଳ୍ପ ଉଦ୍‌ଘାଟନ

ଗୋପାଳପୁର,୧।୪(ଡି.ଏନ.ଏ.):ଗୋପାଳପୁର ଏନଏସି ପକ୍ଷରୁ ଶୁକ୍ରବାର ୮୭ତମ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତୀ ୱାସନ, ଡୁଡ଼ା ପିଡି ସଚ୍ଚିଦାନନ୍ଦ ନାୟକ, ଡିଆରଡିଏ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଏନ୍ଏସି ଅଧ୍ୟକ୍ଷ ଏ.ଜାନକୀରାମ ଅତିଥି ରୂପେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଗୋପାଳପୁର ବେଳାଭୂମିରେ ୮ଟି ବାଲୁକା କଳାକୃତି ଅତିଥିବୃନ୍ଦ ବୁଲି ଦେଖିଥିଲେ। ଗୋପାଳପୁର ବେଳାଭୂମି ସଫାସୁତରା ରଖିଲେ ପର୍ଯ୍ୟଟକମାନେ ଆକୃଷ୍ଟ ହେବା ସହ ଆଗମନ ରହିବ। ଏଥିସହ ଏହି ବେଳାଭୂମିକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୋ ଗୋପାଳପୁର ସେଲଫାଇ ପଏଣ୍ଟ ଲଗୋକୁ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିସହ ଆଦର୍ଶ କଲୋନୀ ପିଏମୱାଇ ଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ୮ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ

ଶେରଗଡ଼,୧।୪(ଡି.ଏନ୍.ଏ.): ଶେରଗଡ଼ ବ୍ଲକର ପିତଳ ଗ୍ରାମର ଦଣ୍ଡ ଯାତ୍ରା କିଛିଦିନ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ବଳକା ୮ ଗ୍ରାମର ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା ଖିରିଡା, ବନ୍ଧାଗୁଡା, କୁଲାଗଡ଼, ଢ଼ିଙ୍କିସାଳ, ଆମ୍ବୁଆବାଡି, ଧବଳପୁର, ଡେଙ୍ଗାପଦର, କୁରୁଳା। ଆଜି ସକାଳ ପାରମ୍ପରିକ ପୂଜାର୍ଚ୍ଚନା ପରେ ହୋମ ଯଜ୍ଞ କରାଯାଇଥିଲା। ପିତଳକୁ ଛାଡି ଅନ୍ୟ ଗ୍ରାମ ଗୁଡିକରେ ଦଣ୍ଡ ଦଳ ୧୩ଦିନ କାମନା ଦଣ୍ଡରେ ବାହାରିବେ।

### ଛାତରୁ ନବଜାତ ପୁତ୍ର ଉଦ୍ଧାର ଘଟଣା
### ଶିଶୁକୁ ଜିଲା ଶିଶୁ ସୁରକ୍ଷା ସମିତିକୁ ପଠାଇଲା ପ୍ରଶାସନ

ପାତ୍ରପୁର,୧।୪(ଡି.ଏନ.ଏ.):ଖାରିଆଗୁ ଫାଣ୍ଡି ତୁରୁବୁଡି ଗ୍ରାମର ଜଣେ ବ୍ୟବସାୟୀଙ୍କ ଛାତ ଉପରୁ ଏକ ନବଜାତ ପୁତ୍ର ସନ୍ତାନ ଗୁରୁବାର ଉଦ୍ଧାର ହୋଇଥିଲା । ପରେ ଶିଶୁକୁ ଗ୍ରାମର ଜଣେ ମହିଳାଙ୍କୁ ହସ୍ତାନ୍ତର ହୋଇଥିଲା । ଶୁକ୍ରବାର ପାତ୍ରପୁର ବ୍ଲକ ସିଡିପିଓ ପଦ୍ମିନୀ ସାହୁ, ଜରଡ଼ା ପୋଲିସ, ଚାଇଲ୍ଡ ଲାଇନ ପ୍ରମୁଖ ମିଳିତ ଭାବେ ଗ୍ରାମର ଉକ୍ତ ଦମ୍ପତି ପାଖରେ ଥିବା ଶିଶୁକୁ ଉଦ୍ଧାର କରିଥିଲେ। ପାତ୍ରପୁର ମେଡିକାଲରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଜିଲା ଶିଶୁ ସୁରକ୍ଷା ସମିତି ପଠାଇଥିବା ସିଡିପିଓ ସୂଚନା ଦେଇଛନ୍ତି।

### ଆର୍.ଉଦୟଗିରିରେ ସଫେଇ କାର୍ଯ୍ୟକ୍ରମ

ଆର.ଉଦୟଗିରି,୧।୪(ଡି.ଏନ.ଏ.)- ଆର.ଉଦୟଗିରି ଗ୍ରାମପଞ୍ଚାୟତରେ ଶୁକ୍ରବାର ଓଡ଼ିଶା ଦିବସରେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ ସଫେଇ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିଛି। ସେହି ଅନୁଯାୟୀ ସକାଳ ୭ଟାରୁ ଆର.ଉଦୟଗିରି ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଯାମେଶ ରାଇକାଙ୍କ ଅଧ୍ୟକ୍ଷତାରେ ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ, ଶିବମନ୍ଦିର ପରିସର, ଗାନ୍ଧୀପାର୍କ, ବସଷ୍ଟାଣ୍ଡ, ଗ୍ରାମର ମୁଖ୍ୟବଜାର, ବ୍ଲକ ଅଫିସ୍ ଦେଇ ପୋଲିସ ଷ୍ଟେଶନ ରାସ୍ତାର ଦୁଇ ପାର୍ଶ୍ୱ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ସାନୁଜୁ କୁମାର, ନାଏବ ସରପଞ୍ଚ ରମା ବେହେରଦଳେଇ, ୱାର୍ଡ ସଭ୍ୟାସଭ୍ୟ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, କର୍ମଚାରୀ, ଆଶା କର୍ମୀ ପ୍ରମୁଖ ଯୋଗଦେଇ ଗ୍ରାମ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜେ.ସତ୍ୟ କୁମାର ପରିଚାଳନା କରିଥିଲେ।

### ଶୁଷ୍କମଳ ଖତ ପ୍ରକଳ୍ପର ପରୀକ୍ଷଣ

ବୁଗୁଡ଼ା,୧।୪(ଡି.ଏନ.ଏ.):ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ କାଦପଡା ଗାଁ ନିକଟରେ ନୂତନ ଭାବେ ନିର୍ମିତ ଶୁଷ୍କମଳ ପ୍ରକଳ୍ପ ଯାଞ୍ଚ ପ୍ରକ୍ରିୟାର ପରୀକ୍ଷଣ କାର୍ଯ୍ୟ ଗଞ୍ଜାମ ଜିଲା ପ୍ରକଳ୍ପ ଅଧିକାରୀ ସଚ୍ଚିଦାନନ୍ଦ ନାୟକଙ୍କ ଦ୍ୱାରା ହୋଇଯାଇଛି। ମଳକୁ କିପରି ଖତରେ ପରିଣତ କରାଯାଇପାରିବ ତାହା ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ପରୀକ୍ଷଣ ଶୁକ୍ରବାର ଶେଷ ହୋଇଛି। ଏଥିରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, ପରିମଳ ପରିଦର୍ଶକ ରାଜେନ୍ଦ୍ର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରୋଶନ୍ କୁମାର ପ୍ରଧାନ, ପରିମଳ ବିଶେଷଜ୍ଞ ମୁନା ଗୌଡ଼, ମୁକ୍ତା ଟିମ୍, ସ୍ୱଚ୍ଛ ସାଥୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

# ମହାନଗରରେ ଓଡ଼ିଶା ଦିବସ

ବ୍ରହ୍ମପୁର ଅଫିସ,୧।୪

ଓଡ଼ିଶା ଦିବସ ଅବସରରେ ଶୁକ୍ରବାର ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୁଲ୍ୟରେ ସଂସ୍କୃତି ଭବନ ପରିସରରେ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବିନାରାୟଣ ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଓଡିଶା ନାଟକ ସମାରୋହ ସମିତି ସଭାପତି ଅନୀଲ କୁମାର ପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଉପସ୍ଥିତ ଥିଲେ। ସେହିଭଳି ଉତ୍କଳ ପରିଷଦ ପକ୍ଷରୁ ଏସଏମଆଇଟିଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଏସଏମଆଇଟି ସଭାପତି ଭଗବାନ ଗନ୍ତାୟତ ଅଧ୍ୟକ୍ଷତା କରିଥିଲେ। ଉତ୍କଳ ପରିଷଦର ସଂପାଦକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଗଜପତି ଜିଲା ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ ଅବସରରେ ଏମକେସିଜି ମହାବିଦ୍ୟାଳୟ ପରିସରରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।



ସଂସ୍କୃତି ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ୫୩୨ କେଜି ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର ଅଫିସ,୧।୪

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ଟିମ ଶୁକ୍ରବାର ଏକ କଣ୍ଟେନର ଓ ଏକ ଟ୍ରକରୁ ୫୩୨ କେଜି ଗଞ୍ଜେଇ ଜବତ କରିଛି। ବ୍ରହ୍ମପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ କମିଶନର ଆଶିଷ ସିଂ ଓ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଖୋଡ଼ାସିଂ ଅଞ୍ଚଳରେ ଜଗି ରହିଥିଲା। ଭୋରରେ ଏକ କଣ୍ଟେନରକୁ ଅଟକାଇ ଅବକାରୀ ଟିମ ଯାଞ୍ଚ କରିବାରୁ ସେଥିରୁ ୪୨୦କେଜି ଗଞ୍ଜେଇ ମିଳିଥିଲା। କଣ୍ଟେନରରେ ଥିବା ୨ଜଣଙ୍କୁ ଅବକାରୀ ଟିମ ଗିରଫ କରିଥିଲା। ସେମାନେ ହେଲେ ଉତ୍ତରପ୍ରଦେଶର ଦୀପକ କୁମାର ଓ ଗଞ୍ଜାମ ଜିଲା ଆସିକା ନିକଟ ଗୁଣ୍ଡପଡ଼ାର କାଳୁ ଚରଣ ଗୌଡ଼। ଉଭୟଙ୍କୁ ଜେରା ପରେ ସେମାନଙ୍କ ବୟାନକୁ ଆଧାର କରି ଅନ୍ୟ ଏକ ଟିମ ଫାଷ୍ଟଗେଟ ଛକ ଦେଇ ବ୍ରହ୍ମପୁରକୁ ଆସୁଥିବା ଏକ ଟ୍ରକକୁ ଅଟକାଇଥିଲା। ଯାଞ୍ଚ ପରେ ସେଥିରୁ ୧୧୨କେଜି ଗଞ୍ଜେଇ ମିଳିଥିଲା। ସେଠାରୁ ଅବକାରୀ ପୋଲିସ ହରିୟାଣାର ସବୀର ଖାନ ଓ ମହମ୍ମଦ ସବୀରଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଗଜପତି ଜିଲା ମୋହନା ଅଞ୍ଚଳରୁ ଗଞ୍ଜେଇ ଆଣି ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜଣାପଡ଼ିଛି। ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସଆଇ ବିଶ୍ୱଜିତ ଦାସ, ସୁଦର୍ଶନ ବିଷୋୟୀ ସମେତ ଅନ୍ୟାନ୍ୟ ଅଧିକାରୀ ଚଢ଼ାଉରେ ସାମିଲ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର,୧।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଜଗନ୍ନାଥ ଘଡେଇ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତି କର୍ମଚାରୀ ଥିଲେ। ବିଦାୟକାଳୀନ ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅନ୍ୟ ସମସ୍ତ କର୍ମଚାରୀଙ୍କୁ ତାଙ୍କ ପରି କର୍ତ୍ତବ୍ୟନିଷ୍ଠ ହେବାପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଘଡେଇଙ୍କ ଅବଶିଷ୍ଟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସଭାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସୂଚନା କେନ୍ଦ୍ର ଓ ପାଠାଗାରର ସମସ୍ତ ପାଠକ ଉପସ୍ଥିତ ଥିଲେ ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

## ମୁକ୍ତାମାଳାଦେଇପୁର ଶାସନ ହତ୍ୟାକାଣ୍ଡ ଘଟଣା

ପୋଲସରା,୧।୪(ଡି.ଏନ.ଏ.)

ପୋଲସରା ଥାନା ଅଧୀନ ମୁକ୍ତାମାଳାଦେଇପୁର ଶାସନ ଗ୍ରାମରେ ଗତ ୧୯ରେ ଅମିତ ଆଚାର୍ଯ୍ୟଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତପନ ଆଚାର୍ଯ୍ୟ, ପଫିନି ଗୌଡ଼, ରଞ୍ଜନ ବେହେରା। ଏ ନେଇ ପୋଲସରା ଥାନାରେ ନଂ. ୧୧୩/୨୨ରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ପୋଲିସ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ଡେମୋ ଦେଖାଇଥିଲା। ସୂଚନାଯୋଗ୍ୟ, ଅମିତ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ପୁଣି ଭାଜପାକୁ ଆସିବା ପାଇଁ ବାଧ କରୁଥିଲେ। ଅମିତ ମନା କରିବାରୁ ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ତପନଙ୍କ ଘରୁ ରକ୍ତଭିଜା ଶାର୍ଟ ଆଦି ଜବତ କରିଥିଲା। ନଂ ୧୧୩/୨୨ରେ ତଦନ୍ତ ଜାରି ରଖିଥିଲା। ଶେଷରେ ଅଭିଯୁକ୍ତମାନଙ୍କୁ ପୋଲିସ ଗୁରୁବାର ରାତ୍ର ୧୦ଟାରେ ଗିରଫ କରିଛି। ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର ପୋଲସରା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଛତ୍ରପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।


ଗିରଫ ୩ ଅଭିଯୁକ୍ତ।

# ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କର : ଆଇଜି

## ୮୭ ତମ ପୋଲିସ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ/ଛତ୍ରପୁର(ଡି.ଏନ୍.ଏ.)୧।୪

ବ୍ରହ୍ମପୁରରେ ଯେଉଁ ଉଦ୍ଦେଶ୍ୟ ନେଇ ପୋଲିସ ଜିଲା ପ୍ରତିଷ୍ଠା କରାଯାଇଥିଲା ତାହା ପୂରଣ କରିବା ପାଇଁ ମିଳିତ ଉଦ୍ୟମ ଦରକାର। ନିଜ ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯତ୍ନବାନ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ। ପୋଲିସ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରୁ ବୋଲି ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆରକ୍ଷୀ ମହାନିରୀକ୍ଷକ(ଆଇଜି) ସତ୍ୟବ୍ରତ ଭୋଇ ଶୁକ୍ରବାର ଆମ୍ବପୁଆ ସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ୮୭ ତମ ପୋଲିସ ପ୍ରତିଷ୍ଠା ଦିବସରେ କହିଛନ୍ତି। ଆଇଜି ଭୋଇ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ପୋଲିସ, ଟ୍ରାଫିକ୍ ପୋଲିସ, ବ୍ୟାଣ୍ଡ ଗ୍ରୁପ୍, ରିଜର୍ଭ ପୋଲିସ ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର୍ ଦିଲୀପ କୁମାର ବେହେରା ପରେଡ଼ ପରିଚାଳନା କରିଥିଲେ। ବ୍ରହ୍ମପୁର ଏସପି ପିନାକ ମିଶ୍ର ଯୋଗଦେଇ ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତିସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ସଦର ଥାନାଧିକାରୀ ମହେନ୍ଦ୍ର ସାହୁ ସମେତ ଜଣେ ପୋଲିସ ଏସଆଇ, ଜଣେ ଏଏସଆଇ, ଜଣେ ହାବିଲଦାର ଏପରି ମୋଟ ୭ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସପି ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆରେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ପରେଡରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଠାକୁର ପ୍ରସାଦ ପାତ୍ର ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ପୋଲିସ ଆଚରଣ ବିଧି ପାଠ କରିଥଲେ। ଏହି ଅବସରରେ ହିଞ୍ଜିଳି ଥାନା ଏସଆଇ ଗୋପାଳ କୃଷ୍ଣ ଆଗୁପାତ୍ର, ପୋଲସରା ଥାନା ଏଏସଆଇ ବାବୁଲା ରାଉଳ, ବୁଗୁଡ଼ା ଥାନାର ହାବିଲଦାର ନାର୍ସୁ ରାଉଳ ଓ ଜଗନ୍ନାଥପ୍ରସାଦ ଥାନାର ଆରକ୍ଷୀ ରଞ୍ଜନ କୁମାର୍ ଆଚାର୍ଯ୍ୟଙ୍କୁ ଉତ୍ତମ କାର୍ଯ୍ୟ ନିମନ୍ତେ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଦଳେଇ, ଡିଏସପି ଅଜୟ କୁମାର ମିଶ୍ର, ସାମୁଏଲ ପ୍ରଧାନ, ଛତ୍ରପୁର ଏସଡିପିଓ ଗୌତମ କିଶାନ,ଛତ୍ରପୁର ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି ଆଇଜି ।

# ଧାର୍ଯ୍ୟ ସମୟରେ ସରିଲାନି ସ୍ମାର୍ଟ ରାସ୍ତା ନିର୍ମାଣ

ବ୍ରହ୍ମପୁର ଅଫିସ,୧।୪

ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ବାଙ୍ଗାଲୋର ସ୍ମାର୍ଟ ରାସ୍ତା ଶୈଳୀରେ ରାସ୍ତା ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସରି ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ସହରବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ମାର୍ଟ ରାସ୍ତା ନିର୍ମାଣ ପାଇଁ ଗତ ଡିସେମ୍ବର ୨୬ରେ ଶିଳାନ୍ୟାସ କରାଯାଇଥିଲା। ୩ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧି ସରିଥିଲେ ସୁଦ୍ଧା କାମ ସରିନି। ଷ୍ଟେଟ ବ୍ୟାଙ୍କ ମୁଖ୍ୟରାସ୍ତା ନିର୍ମାଣ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବାରୁ ବର୍ତ୍ତମାନ ଅସ୍ଥାୟୀ ପିଚୁ ରାସ୍ତା କରାଯାଇଛି। ସୂଚନାଯୋଗ୍ୟ, ବିଏମ୍ସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସହରର ୫ଟି ପୁରାତନ ରାସ୍ତାକୁ ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ରାସ୍ତା କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେସବୁରେ ପାଦଚଲା ରାସ୍ତା ସହ ପାର୍କିଂ ନିମନ୍ତେ ସୁବିଧା ରହିବ। ୩ କୋଟି ୫୩ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ସୁବରାଓ ଛକ-ଷ୍ଟେଟ ବ୍ୟାଙ୍କଠାରୁ ସେଣ୍ଟ ଭିନସେଣ୍ଟ ସ୍କୁଲ ରାସ୍ତା, ୩ କୋଟି ୮୦ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ଅନ୍ନପୂର୍ଣ୍ଣା ମାର୍କେଟଠାରୁ ଭିସାଲ ମେଗା ମାର୍ଟ, ୩ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ଜ୍ୟୋତି ପେଟ୍ରୋଲ ପମ୍ପଠାରୁ ଗାନ୍ଧୀନଗର ଛକ, ୨ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ଗାନ୍ଧୀନଗର ଉପର ଛକ ଖଲାସି ସାହିଠାରୁ ଗାନ୍ଧୀନଗର ଛକ ଓ ୨ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ୫୯ ନଂ ଜାତୀୟ ରାଜପଥଠାରୁ ଭେଙ୍କେଟଶ୍ୱର ମନ୍ଦିର ସାହି ଓ କପିଳେଶ୍ୱର ମନ୍ଦିର ସାହି ରାସ୍ତା ସ୍ମାର୍ଟ ହେବ। ରାସ୍ତା କାର୍ଯ୍ୟ କିଭଳି ଚାଲିଛି ତାହାର ତଦାରଖ ପାଇଁ ଗତ ଫେବୃଆରୀ ୨୨ ତାରିଖରେ ସ୍ମାର୍ଟ ରାସ୍ତା କାର୍ଯ୍ୟର ନୋଡାଲ ଅଫିସର ରବିନ୍ଦ୍ର ନାରାୟଣ ମଲିକ ଗସ୍ତ କରିଥିଲେ। ସେ ରାସ୍ତା କାର୍ଯ୍ୟରେ ବିଳମ୍ବ ଓ କାମ ଠିକ୍ ହୋଇ ନ ଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ପରେ ପଞ୍ଚାୟତ ନିର୍ବାଚନ ସମୟରେ ଶ୍ରମିକ ଅଭାବ କାରଣରୁ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା ବିଏମସି ଅଧିକାରୀ କହିଥିଲେ। ଇତିମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବା ପାଇଁ ବିଏମସି ତତ୍ପରତା ଦେଖାଉଥିଲେ ମଧ୍ୟ ସରୁ ନ ଥିବାରୁ ସହରବାସୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର କହିଛନ୍ତି, ରାସ୍ତା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଖୁବଶୀଘ୍ର କାର୍ଯ୍ୟ ସରିବ ବୋଲି ସେ କହିଛନ୍ତି।


ଗାନ୍ଧୀନଗରଠାରେ ଅଧାପନ୍ତରିଆ ସ୍ମାର୍ଟ ରାସ୍ତା।

# ଗଜପତି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ


ପୋଲିସ ରିଜର୍ଭ ପଡିଆରେ ପରେଡ ଚାଲିଛି।

ପାରଳାଖେମୁଣ୍ଡି,୧।୪

ପାରଳାଖେମୁଣ୍ଡି ନିକଟ ବେତାଗୁଡାସ୍ଥିତ ପୋଲିସ ରିଜର୍ଭ ପଡିଆରେ ଗଜପତି ଜିଲାସ୍ତରୀୟ ୮୭ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ପି ଜୟରାମ ଶତପଥୀ ଯୋଗଦେଇ ପ୍ରଥମେ ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ କରୋନା ଯୋଦ୍ଧାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଥାର୍ଡ ବାଟାଲିଅନ କମାଣ୍ଡାଣ୍ଟ ଜୁରିଆ ବେହେରା, ଏସ୍‌ଡିପିଓ ରାମକୃଷ୍ଣ ପତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାମଦେବ ସିଂ ପ୍ରମୁଖଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଯୋଗ ଦେଇଥିଲେ।

